# Akashvani, Sambalpur

## SAMBALPURI NEWS BULLETIN

### 4 November 2025 – 6.47- 6.52 am.

*********************************************

ରାଜ୍ୟପାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଶା ଦରବ୍‌ନୁ ଦୂରେ ରହେବାର୍‌ଟା ବ୍ୟକ୍ତିଗତ କଲ୍ୟାଣ୍ ଠାନୁ ଅଏତ୍‌କା ଆଉ ଦେଶ୍ ଲାଗି କର୍ତବ୍ୟବୋଧର ଉଦାହରଣ୍ ଆଏ ବଲି ବଲି ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍ ଠାନେ ଗଲାକାଏଲ୍ ହେଇଥିବା ନିଶାମୁକ୍ତ ଭାରତ୍ ଅଭିଯାନ୍ କାର୍ଯ୍ୟକ୍ରମ୍‌ଥି ଉଦ୍‌ବୋଧନ୍ ଦେଇକରି ରାଜ୍ୟପାଲ୍ କହିଛନ୍, ଗୁଟେ ଦେଶର୍ ଶକ୍ତି ତାର୍ ସୁସ୍ଥ ଆଉ ଶୃଙ୍ଖଲିତ୍ ନାଗରିକ୍‌ମାନ୍‌କର୍ ପାଖେ ରହିଛେ । ଲୁକେ ନିଶା ଦରବ୍ ଠାନୁ ଦୂରେ ରହିକରି ନିଜର୍ ଜୀବନ୍‌କେ ସୁରକ୍ଷିତ୍ ରଖିଲେ ସମାଜ୍‌ର ଦାୟିତ୍ୱବାନ୍ ସଦସ୍ୟ ହେଇକରି ଦେଶର୍ ପ୍ରଗତିଥି ଯୋଗ୍ ଦେସନ୍ ବଲି ରାଜ୍ୟପାଲ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟର୍ କୁଳପତି ଆଉ ଶିକ୍ଷାନୁଷ୍ଠାନ୍‌ମାନ୍‌କର୍ ଛାତ୍ରଛାତ୍ରୀ ସିଧାସଲଖ୍ ଆଉ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ଯୋଗ୍ ଦେଇଥିଲେ । ୨୦୪୭ ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ଯୁଆନ୍ ପିଢ଼ିର୍

ଭୂମିକା ଅତି ଜରୁରୀ ଆଉ ଯୁଆନ୍ ପିଢ଼ି ନିଶା ନୁ ଦୂର୍ ରହେଲେ ଯାଇ ଇ ଲକ୍ଷ୍ୟ ହାସଲ୍ ହେଇପାର୍‌ବା ବଲି ରାଜ୍ୟପାଲ୍ କହିଛନ୍ ।

ହକି ଶତବାର୍ଷିକୀ          ଏନ୍‌ଏସ୍‌ଡି

ହକି ଖେଲ୍‌ର ଶହେ ବଛର୍ ପାଲନ୍ ଅବ୍‌ସରେ ଆଏବା ୭ ତାରିଖ୍ ସାରାଦେଶେ ବହୁତ୍‌ଟେ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯିବା ବଲି କେନ୍ଦ୍ର କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମନ୍‌ସୁଖ୍ ମାଣ୍ଡଭିୟ କହିଛନ୍ । ନୂଆଦିଲ୍ଲୀ ନ ଗଲାକାଏଲ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଡକ୍ଟର୍ ମାଣ୍ଡଭିୟ କହିଛନ୍, ଇ ଅବ୍‌ସରେ ଦେଶର୍ ୫ ଶହ ୫୦ ନୁ ଅଏତ୍‌କା ଜିଲ୍ଲା ନ ୧ ହଜାର୍ ୪ ଶହ ନୁ ଅଏତ୍‌କା ହକି ଟୁର୍ଣ୍ଣାମେଂଟ୍‌ର ଆୟୋଜନ୍ କରାଯିବା । ହକି ଖେଲ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ସହେତେ ଯୁବ କ୍ରୀଡ଼ାବିତ୍‌ମାନ୍‌କୁ ଇ ଖେଲ୍ ଦିଗେ ଲୁଭାବାର୍ ଲାଗି ଇ ପଦକ୍ଷେପ୍ ନିଆଯାଉଛେ । ଦେଶର୍ କ୍ରୀଡ଼ା ସଂସ୍କୃତିକେ ମଜ୍‌ବୁତ୍ କର୍‌ବାର୍, ହକି ଇତିହାସ୍ ସହେତେ ଯୁଆନ୍ ପିଢ଼ିକେ ଜୁଡ୍‌ବାର୍ ଆଉ ଭବିଷ୍ୟତ୍ ଗଠନ୍‌ଥି ଯୁଆନ୍ ପିଢ଼ିଙ୍କୁ ତହଁକାବାର୍ ଇତାର୍ ଆଉ ଗୁଟେ ମୁଖ୍ୟଉଦ୍ଦେଶ୍ୟ ବଲି କେନ୍ଦ୍ରମନ୍ତ୍ରୀ ଡକ୍ଟର୍ ମାଣ୍ଡଭିୟ କହିଛନ୍ ।

ସୁଭଦ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଚାଲିଥିବା ଓଡ଼ିଶାର୍ ନାରୀ ଉଦ୍ୟୋଗୀର ପରିଚୟ ସୁଭଦ୍ରା ଶକ୍ତି ମେଳା ଇ ବଛର୍ ଜାତୀୟ ମାଏନ୍‌ତା ପାଇଛେ । ମେଳାଥି ରାଜ୍ୟ ବାହାରର୍ ମହିଳା ଉଦ୍ୟୋଗୀମାନ୍‌କର୍ ଦରବ୍‌ର ବହୁତ୍ ଚାହିଦା ଦେଖ୍‌ବାର୍‌କେ ମିଲିଛେ । ଓଡ଼ିଶା ସହେତେ ୯ ଟା ରାଜ୍ୟର୍ ମହିଳା ଉଦ୍ୟୋଗୀମାନେ ଇଥି ସାମିଲ୍ ହେଇକରି ନିଜର୍ ହସ୍ତଶିଳ୍ପର୍ ପ୍ରଦର୍ଶନ୍ କରୁଛନ୍ । ଭାରତୀୟ ସଂସ୍କୃତି, କଳା ଆଉ ହସ୍ତଶିଳ୍ପଥି ସଜେଇ ହେଇକରି ପ୍ରଦର୍ଶନୀ ପଡ଼ିଆ ମିନି ଇଣ୍ଡିଆ ବାଗିର୍ ଲାଗୁଛେ । ମେଳାର୍ ୩ ନମ୍ବର୍ ଦିନେ ଗଲାକାଏଲ୍ ୧ କୋଟି ୨ ଲାଖ୍ ନୁ ଅଏତ୍‌କା ଟଙ୍କାର୍ ବିକ୍ରିବଟା ହେଇଛେ ।

ଜାତୀୟ ମହୁମାଛି ପାଲନ୍, ମଧୁ ମିଶନ          ପିଆଇବି

ବୈଜ୍ଞାନିକ୍ ପଦ୍ଧତିଥି ମହୁମାଛି ପାଲନ୍‌ର ସାମଗ୍ରିକ୍ ବିକାଶ୍‌କେ ତହଁକାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଜାତୀୟ ମହୁମାଛି ପାଲନ୍ ଆଉ ମଧୁ ମିଶନ୍ ମୁଲ୍ କରାଯାଇଛେ । ଇ ମିଶନ୍ ଲାଗି ୫ ଶହ କୋଟି ଟଙ୍କା ଖର୍ଚ୍ଚା କରାଯିବା । ୨୦୨୪ ମସିହା ବେଲ୍‌କେ ଭାରତ୍ ୧ ଲାଖ୍ ୪ ହଜାର୍ ମେଟ୍ରିକ୍ ଟନ୍ ପ୍ରାକୃତିକ୍ ମହୁ ଉତ୍ପାଦନ୍ କରିଥିଲା । ଭାରତ୍ ଇହାଦେ ପୁର୍‌ଥିର୍ ୨ ନମ୍ବର୍ ସବୁନୁ ବଡ଼ ମହୁ ରପ୍ତାନୀକାରୀ

ଦେଶ୍ ଭାବେ ଜନାଯାଏସି । ମହୁ ଆଉ ଅଲ୍‌ଗା ମହୁମାଛି ଉତ୍ପାଦ ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ଆଉ ଭିନ୍ ଭିନ୍ ତଥ୍ୟ ଜାନ୍‌ବାର୍ ଲାଗି ମଧୁ କ୍ରାନ୍ତି ପୋର୍ଟାଲ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଭିଲ୍ ମୁଲ୍ କରାଯାଇଛେ ।

ଫଂଚ୍‌କ ପୁରୀ/ସୁବର୍ଣ୍ଣପୁର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ କାର୍ତିକ୍ ମାସର୍ ଉଜଲ୍ ପଖର୍ ଚତୁର୍ଦ୍ଦଶୀ ତିଥି ଅବ୍‌ସରେ ଆଏଜ୍ ମାହାପୁରୁ ମାନେ ଲକ୍ଷ୍ମୀ ନୃସିଂହବେଶ ବେଶ୍‌ଥି ଦର୍ଶନ୍ ଦେବେ । ଗଲାକାଏଲ୍ ମାହାପୁରୁଙ୍କର୍ ତ୍ରିବିକ୍ରମ୍ ବେଶ ଆଉ ଆଡ଼କିଆ ନୀତି ହେଇଥିଲା । ଅଧାରାତି ଆଡ଼େ ବଡ଼ସିଂହାର ବେଶ ଆଉ ଗରୁଡ଼ ଉତ୍‌ଥାନ ନୀତି କରାଯାଇଥିଲା । ସେନ୍ତା ବୁଧବାର୍ ଦିନ କାର୍ତିକ୍ ପୁନି ଅବ୍‌ସରେ ମାହାପୁରୁମାନ୍‌କର୍ ରାଜରାଜେଶ୍ୱର ଆଉ ସୁନାବେଶ କରାଯିବା । ଫଂଚ୍‌କ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଭକ୍ତମାନ୍‌କର୍ ଜବର୍ ଭିଡ଼୍ ଲାଗିଛେ ।
ସେଆଡ଼େ ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନ ଭିଲ୍ ପୁରୀ ଶ୍ରୀମନ୍ଦିର୍ ନୀତିକାନ୍ତି ଅନ୍‌ସାରେ ମାହାପୁରୁମାନ୍‌କର୍ ବେଶ ଆର୍ ନୀତି କରାଯାଇଛେ ।

ଗଙ୍ଗା ଦିବସ୍ ଏନ୍‌ଏସ୍‌ଡି

ଗଙ୍ଗା ନଦୀର୍ ସାଂସ୍କୃତିକ, ଐତିହାସିକ ଆଉ ଅର୍ଥନୈତିକ ମହତ୍ୱକେ ନଜର୍‌ଥି ରଖିକରି ୨୦୦୮ ମସିହା ନଭେମ୍ବର୍ ୪ ତାରିଖ୍ ଦିନ ଭାରତ୍ ସର୍କାର୍‌ଙ୍କର୍ ତର୍‌ଫୁ ଗଙ୍ଗାନଦୀକେ ଜାତୀୟ ନଦୀର୍ ମାଏନ୍‌ତା ଦିଆଯାଇଥିଲା । ଗଙ୍ଗାନଦୀର୍ ସୁରକ୍ଷା ଲାଗି ତିଆର୍ ହେଇଥିବା ଗଙ୍ଗା ଏକ୍ସନ୍ ପ୍ଲାନ୍ ର ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ସେତେବେଲର୍ ପ୍ରଧାନ୍‌ମନ୍ତ୍ରୀ ଡକ୍ଟର୍ ମନ୍‌ମୋହନ୍ ସିଂ ଇ ଘୋଷ୍‌ନା କରିଥିଲେ । କୋଟି କୋଟି ହିନ୍ଦୁଙ୍କର୍ ସାଂସ୍କୃତିକ୍ ଆଉ ଧାର୍ମିକ୍ ମହତ୍ୱକେ ନଜର୍‌ଥି ରଖିକରି ଗଙ୍ଗାନଦୀର୍ ସୁରକ୍ଷା କର୍‌ବାର୍ ଲକ୍ଷ୍ୟ ନେଇକରି ଇ ଘୋଷ୍‌ନା କରାଯାଇଥିଲା । ସେ ଦିନ୍‌ଠାନୁ ଫି’ ବଛର୍ ଆଝିରର୍ ଦିନ୍‌କେ ଗଙ୍ଗା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ୱାନ୍ ହେଲ୍‌ଥ ସଚେତନତା ଶୋଭାଯାତ୍ରା/ ଆର୍‌ଏନ୍‌ୟୁ ସମ୍ବଲପୁର

ବୁର୍ଲା ଭିମ୍‌ସାର୍ ନ ଗୋଷ୍ଠୀ ଚିକିତ୍ସା ବିଭାଗ୍ ତର୍‌ଫୁ ଗଲାକାଏଲ୍ ୱାନ୍ ହେଲ୍‌ଥ ସଚେତନତା ଶୋଭାଯାତ୍ରା ହେଇଯାଇଛେ । ମୁନୁଷ୍‌କର୍ ସହେତେ ପ୍ରାଣୀ ଆଉ ପରିବେଶ୍ ସ୍ୱାସ୍ଥ୍ୟ ଭିତ୍‌ରେ ରହିଥିବା ଗଭୀର୍ ସମ୍ପର୍କ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଶୋଭାଯାତ୍ରାର୍

ଲକ୍ଷ୍ୟଥିଲା । ଶୋଭାଯାତ୍ରାକେ ଗୋଷ୍ଠୀ ଚିକିତ୍ସା ବିଭାଗ୍ର ପ୍ରଫେସର୍ ଡାକ୍ତର୍ ସ୍ମିତା କୁମାରୀ ପଣ୍ଡା ଉଦ୍‌ଘାଟନ୍ କରିଥିଲେ ।

ସାଂସଦ୍ ଖେଲ୍ ମହୋତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀର୍ ଯୁଆନ୍ ପିଢ଼ି ଭିତ୍‌ରେ ରହିଥିବା କ୍ରୀଡ଼ା ପ୍ରତିଭା ମାନ୍‌କୁ ଚିହ୍ନଟ୍ କର୍‌ବାର୍ ଲକ୍ଷ୍ୟଥି ଆଏବା ୭ ତାରିଖ୍‌ନୁ ସମ୍ବଲ୍‌ପୁର୍ ଲୋକ୍‌ସଭା କ୍ଷେତ୍ର ନ ସାଂସଦ୍ ଖେଲ୍ ମହୋତ୍ସବ୍-୨୦୨୫ ଆୟୋଜନ୍ କରାଯିବା । ଆଏବା ୭ ତାରିଖ୍ ଦିନ ଦେବ୍‌ଗଡ଼୍ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ନ ଇତାର୍ ଶୁଭାରମ୍ଭ ହେବା । 'ବିକଶିତ୍ ଭାରତ୍ ଲାଗି ସୁସ୍ଥ ରହେବ ଯୁଆନ୍ ପିଢ଼ି' ବିଷୟବସ୍ତୁକେ ନେଇକରି ନଭେମ୍ବର୍ ୨୫ ତାରିଖ୍‌ତକ୍ ଇ ଖେଲ୍‌ର ଆୟୋଜନ୍ କରାଯିବା । ଇଥି ଭାଗ୍ ନେବାର୍ ଲାଗି ବରିଷ୍ଠ ଆଉ କନିଷ୍ଠ ବର୍ଗଥି ଖେଲାଲିମାନେ ଆବେଦନ୍ କରିପାର୍‌ବେ । ଇନୁ ବଛା ହେଇଥିବା ଖେଲାଲୀମାନ୍‌କୁ ଅନ୍ତର୍ଜାତୀୟ ସ୍ତର୍‌ଥି ଖେଲ୍‌ବାର୍ ସୁଯୋଗ୍ ମିଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜାଗା ନ ପାଗ୍ ଶୁଖା ରହେବା । ଆଏବା ଦିନେ ଦୁଇଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୩

ଡିଗ୍ରୀତକ୍ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।